ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳାର ସପ୍ତମ ଦିବସ

ଭୁବନେଶ୍ୱର, ୦୧/୦୨/୨୦୨୦

ସ୍ଥାନୀୟ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଜନରାଜ୍ୟ ଦିବସଠାରୁ ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି ।

ଏହି ମେଳାରେ ଭାରତର ବିଭିନ୍ନ ପ୍ରାନ୍ତରର ହସ୍ତତନ୍ତ ସଂସ୍ଥାମାନ ଯୋଗଦାନ କରିଛନ୍ତି । ଏହି ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା ପ୍ରତ୍ୟହ ଦିବା ୧୧.୩୦ରୁ ରାତି ୯.୩୦ ପର୍ଯ୍ୟନ୍ତ ଖୋଲା ରହୁଛି । ପ୍ରତିଦିନ ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

ହସ୍ତତନ୍ତ ମେଳାରେ ଜାନୁଆରୀ ୩୧ ତାରିଖ ଦିନ ମାଣିଆବନ୍ଧି କଟନ ଦିବସ ରୂପେ ପାଳିତ ହୋଇଯାଇଛି । ଆଜି ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳାରେ ମାଣିଆବନ୍ଧି କଟନ ବୁଣାରେ ଦକ୍ଷତା ହାସଲ କରିଥିବା ୨ ଜଣ ବୁଣାକାର ଶ୍ରୀ ଶ୍ୟାମସୁନ୍ଦର କରଣ ଓ ଶ୍ରୀ ଅନାଦି ଚରଣ ପାତ୍ରଙ୍କୁ ବୟନିକା ତରଫରୁ ବୟନ ସମ୍ମାନରେ ସମ୍ମାନିତ କରାଯାଉଅଛି । ଏମାନେ ପାରମ୍ପରିକ ଭାବେ ମାଣିଆବନ୍ଧି କଟନ ବୁଣା ପିଲାଦିନରୁ ଶିକ୍ଷା କରି ବର୍ତ୍ତମାନ ଏହି ବୟନକଳାକୁ ସୁଦୂରପ୍ରସାରୀ କରିପାରିଛନ୍ତି । ଆଜି ହସ୍ତତନ୍ତ ମେଳାରେ ନେହା ନିହାରିକା ଏବଂ ତାଙ୍କ ଗ୍ରୁପ୍‌ର ୟଙ୍ଗ୍ ଟାଲେଣ୍ଟଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହିତ ଦର୍ଶକ ୧୦ଟି ଖାଦ୍ୟ ଷ୍ଟଲ୍‌ରେ ଉପଲବ୍ଧ ହେଉଥିବା ପୁଷ୍ଟିକର ଓଡ଼ିଆ ଖାଦ୍ୟ ଦହିବରା-ଆଳୁଦମ୍, ମାଲପୁଆ, ବରା, ରାଜସ୍ଥାନୀ ଜିଲାପି ଭଳି ସୁସ୍ୱାଦୁ ଖାଦ୍ୟର ମଜା ନେଉଛନ୍ତି । ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା ଫେବୃଆରୀ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ